## ୨୪ ନଭେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ହଜରତ ମସିହ ମଉଦ [ଅ.ସ]ଙ୍କ ଆଗମନର ଉଦ୍ଦେଶ୍ୟ ଓ ଚଳିତ ଯୁଗ ନିମନ୍ତେ ଜଣେ ସୁଧାରକର ଆବଶ୍ୟକତା । ମଧ୍ୟଏସିଆରେ ଜାରି ରହିଥିବା ଯୁଦ୍ଧର ଉତ୍କଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ;  ହଜରତ ମସିହ ମଉଦ[ଅ.ସ] ନିଜ ଆଲେଖ୍ୟ ଓ ପ୍ରବଚନର ଅଗଣିତ ସ୍ଥାନରେ ନିଜ ଆଗମନର ଉଦ୍ଦେଶ୍ୟ ଓ ଚଳିତ ଯୁଗ ନିମନ୍ତେ ଜଣେ ସୁଧାରକର ଆବଶ୍ୟକତା ବର୍ଣ୍ଣନା କରିଛନ୍ତି । ଅଧିକନ୍ତୁ ଏହା ପ୍ରମାଣିତ ମଧ୍ୟ କରିଛନ୍ତି ଯେ, ଆପଣ [ଅ.ସ]ଙ୍କର ପ୍ରଭୁଙ୍କ ନିକଟରୁ ଆଗମନ କରିବା ଚଳିତ ଯୁଗର ଘୋର ଆବଶ୍ୟକତା ଏବଂ ଅଲ୍ଲାଃତାଲାଙ୍କର ସୁନ୍ନତ ଓ ହଜରତ ମୁହମ୍ମଦ [ସ.ଅ]ଙ୍କର ଭବିଷ୍ୟତ ବାଣୀ ଅନ୍ତର୍ଗତ (ନିୟତ) ଥିଲା । ଅତଃ ଆପଣ[ଅ.ସ] କୁହନ୍ତି;

ଏହି ପ୍ରସଙ୍ଗକୁ ପ୍ରମାଣ ସିଦ୍ଧ କରିବା ସକାଶେ ଏକଥା ପ୍ରକାଶ କରିବାକୁ ଚାହୁଁଛି ଯେ, ପରମେଶ୍ୱର ଚଳିତ ଯୁଗକୁ ପୂର୍ଣ୍ଣ ଅନ୍ଧକାର ଏବଂ ସଂସାରବାସୀଙ୍କୁ ନିଶ୍ଚିନ୍ତ, ଅମାନ୍ୟକାରୀ ଓ ଦ୍ୱୈତବାଦରେ ନିର୍ମଜ୍ଜିତ ତଥା ବିଶ୍ୱାସ, ଧର୍ମନିଷ୍ଠ ଓ ସତ୍‌ପଥରୁ ମାର୍ଗଚ୍ୟୁତ ହେବା ପରିଲକ୍ଷିତ କରି ମୋତେ ପ୍ରେରଣ କରିଛନ୍ତି । ଯଦ୍ୱାରା ଜଗତରେ ପୁନର୍ବାର ବୁଦ୍ଧିଜ୍ଞାନ, ବ୍ୟବହାରିକ, ଚରିତ୍ରଗତ ଓ ବିଶ୍ୱାସଗତ ସତ୍ୟତାକୁ ପ୍ରତିଷ୍ଠା କରିବା ସକାଶେ ଏବଂ ଏତଦ୍ ଦ୍ୱାରା ଇସଲାମକୁ ସେହି ଲୋକମାନଙ୍କ ଆକ୍ରମଣରୁ ରକ୍ଷା କରି ଯାହାକି ଦର୍ଶନ, ସ୍ୱଭାବ, ଦ୍ୱୈତବାଦ, ଅବାଧତା ଓ ଅନ୍ଧକାରତାର ବସ୍ତ୍ରରୁ ସେହି ଐଶୀ ଦ୍ୱାରକୁ କିଛି କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ସୁତରାଂ ହେ ସତ୍ୟାନୁସନ୍ଧିସ୍ନୁଗଣ ! ଚିନ୍ତା କରି ଦେଖ ଯେ, ଏହା କ'ଣ ସେହି ସମୟ ନୁହେଁ ଯେତେବେଳେ ଇସଲାମ ନିମନ୍ତେ ଆକାଶିୟ ଅନୁକମ୍ପା ଓ ସାହାଯ୍ୟର ଆବଶ୍ୟକତା ଥିଲା । କ'ଣ ଏଯାବତ୍ ତୁମ ଉପରେ ଏହା ପ୍ରମାଣିତ ହୋଇ ନାହିଁ କି ଗତଶବ୍ଦୀ ଯାହାକି ୧୩୦୦ ଶତାବ୍ଦୀ ଥିଲା କି କି କ୍ଷତି (ଧକ୍କା) ଇସଲାମକୁ ପହଞ୍ଚିଲା ଏବଂ ଅନ୍ଧକାର ନିଜ ପ୍ରଭାବ ବିସ୍ତାର କରିବା ଫଳରେ କେଉଁ କେଉଁ ଅସହ୍ୟ ଜଖମ (ଆଘାତ) ଆମକୁ ଲାଗିଲା । କ'ଣ ଏପର୍ଯ୍ୟନ୍ତ ସୁଦ୍ଧା ତୁମକୁ ଜ୍ଞାତ ହୋଇ ନାହିଁ ଯେ, କେଉଁ କେଉଁ ମହାବିପତ୍ତି ଇସଲାମକୁ ଘେରି ରହିଛି । କ'ଣ ଏପର୍ଯ୍ୟନ୍ତ ସୁଦ୍ଧା ତୁମକୁ ସୂଚନା ମିଳି ନାହିଁ ଯେ, କେତେ ସଂଖ୍ୟାରେ ଲୋକେ ଇସଲାମ୍ ଧର୍ମ ଛାଡ଼ି ଗଲେଣି, କିପରି ବିଳାସବେଶନରେ ଲୋକେ ଲିପ୍ତ ହୋଇଗଲେଣି, କିପରି ଅନ୍ଧକାରତା ଓ ନିଜ ସାଂସାରିକ କାମନାର ବଶବର୍ତ୍ତୀ ହୋଇଗଲେଣି, କିପରି ଦ୍ୱୈତବାଦୀ ଓ କୁପ୍ରଥା ଏକେଶ୍ୱବାଦ ଏବଂ ସୁନ୍ନତର ସ୍ଥାନରେ କବ୍‌ଜା କରି ବସିଛି । ଇସଲାମ ବିରୁଦ୍ଧରେ କେଉଁ ରକମର ପୁସ୍ତକ ରଚନା କରି ତାହାକୁ ପ୍ରଚାର ପ୍ରସାର କରାଯାଉଛି । ଏବେ ତୁମେ ଚିନ୍ତା କରି କୁହ, କ'ଣ ଏଯାବତ୍ ଏହାର ଆବଶ୍ୟକତା ନାହିଁ ଯେ, ଅଲ୍ଲାଃତାଲାଙ୍କ ନିକଟରୁ ଏହି ଶତାବ୍ଦୀରେ ଜଣେ ସୁଧାରକୁ ପ୍ରେରଣ କରାଯାଇଥାନ୍ତା ଯେ ବାହ୍ୟ ଆକ୍ରମଣର ପ୍ରତିରୋଧ କରିଥାନ୍ତା । ଯଦି ଏହାର ଆବଶ୍ୟକତା ରହିଛି ତେବେ ତୁମେ ଜାଣିବୁଝି ଏହି ଐଶୀ

ପୁରସ୍କାରର ପ୍ରତ୍ୟାଖ୍ୟାନ କର ନାହିଁ ଏବଂ ସେଥିରୁ ମୁହଁ ମୋଡ଼ ନାହିଁ, ଯାହାର ଆଗମନ ଏହି ଶତାବ୍ଦୀ ନିମନ୍ତେ ଆବଶ୍ୟକ ଓ ନିୟତ ଥିଲା । ଯାହାର ହଜୁର[ସ.ଅ] ପ୍ରାରମ୍ଭରୁ ସୂଚନା ପ୍ରଦାନ କରି ଦେଇଥିଲେ ।

ଏପରି କୌଣସି ଆଗମନକାରୀର ସଚ୍ଚୋଟତାକୁ ପରଖିବାର ସ୍ତର ନିରୂପଣ କରି ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] କହିଲେ; କୌଣସି ବ୍ୟକ୍ତି ସତ୍ୟବାଦୀ ହେବା ନିମନ୍ତେ ଏହା ଆବଶ୍ୟକ ନୁହେଁ ଯେ, ତାହା ଆଗମନର ଖବର ଐଶୀ ପୁସ୍ତକରେ ପୂର୍ବରୁ ମହଜୁଦ୍ ଥିବ । **ଯଦି ଏହି ସର୍ତ୍ତ ଜରୁରୀ ହୋଇଥାନ୍ତା ତେବେ କୌଣସି ଅବତାରଙ୍କ ଅବତାରତ୍ୱ ପ୍ରମାଣ ସିଦ୍ଧ ହେବ ନାହିଁ ।** ଅସଲ ସତ୍ୟତା ଏହିକି ଯେ, କୌଣସି ବ୍ୟକ୍ତି ଅବତାର ହେବାର ଦାବି (ଘୋଷଣା) କରିବା କ୍ଷେତ୍ରରେ ସର୍ବପ୍ରଥମେ ଉକ୍ତ ଯୁଗର ଆବଶ୍ୟକତାକୁ ଦେଖିବାକୁ ହେବ । ପୁନଶ୍ଚ ଏହା ମଧ୍ୟ ଦେଖିବାକୁ ହେବ ଯେ, ଆଗମନକାରୀ ଧାର୍ଯ୍ୟ ସମୟରେ ଆସିଛି ଅବା ନୁହେଁ । ସେଥିଅନ୍ତେ ଏହା ମଧ୍ୟ ଦେଖିବାକୁ ହେବ ଯେ, ପ୍ରଭୁଙ୍କର ସାହାଯ୍ୟ ସହଯୋଗ ତାହା ସହିତ ରହିଛି ଅବା ନୁହେଁ । ପୁନଃ ଏହା ମଧ୍ୟ ଦେଖିବାକୁ ହେବ ଯେ, ଶତ୍ରୁମାନେ ଯେଉଁ ଆପତି ଗୁଡ଼ିକର ସ୍ରୋତ ବହି ଦେଇଥାନ୍ତି ତାହାର ସେ ପୂର୍ଣ୍ଣ ରୂପେ ଉତ୍ତର ଦେଇଛି ଅବା ନୁହେଁ ।

ଯେତେବେଳେ ଏସମସ୍ତ ପ୍ରସଙ୍ଗ ପୂରଣ ହୋଇଯିବ ସେତେବେଳେ ସ୍ୱୀକାର କରି ନିଆଯିବ ଯେ, ସମ୍ପୃକ୍ତ ବ୍ୟକ୍ତି ବିଶେଷ ସତ୍ୟବାଦୀ, ନଚେତ୍ ମିଥ୍ୟାବାଦୀ ଅଟେ । ସମ୍ପ୍ରତି ଆମେ ସ୍ପଷ୍ଟ ପରିଲକ୍ଷିତ କରୁଅଛେ ଯେ, ଚଳିତ ଯୁଗ ସ୍ୱକଣ୍ଠରେ ନିବେଦନ (ଚିତ୍କାର) କରୁଅଛି କି ବର୍ତ୍ତମାନ ଇସଲାମୀୟ ବିଭ୍ରାଟକୁ ଦୂର କରିବା ଓ ବାହ୍ୟ ଆକ୍ରମଣରୁ ଇସଲାମକୁ ରକ୍ଷା କରିବା ସକାଶେ ତଥା ଜଗତରୁ ଉଭାନ ହୋଇଯାଇଥିବା ଆଧ୍ୟାତ୍ମିକତାକୁ ପୁନର୍ବାର ସ୍ଥାପିତ କରିବା ନିମନ୍ତେ ନିଃସନ୍ଦେହ ରୂପେ ଦୈବି ସୁଧାରକର ଆବଶ୍ୟକତା ରହିଛି । ଯେ ପୁନର୍ବାର ଦୃଢ଼ ବିଶ୍ୱାସର ମୂଳରେ ଜଳସିଞ୍ଚନ କରିବା ସହିତ ଅପକର୍ମ ଓ ପାପରୁ ମୁକ୍ତ କରି ପୁଣ୍ୟ ଓ ସତ୍‌ପଥ ପ୍ରତି ମାର୍ଗଦର୍ଶନ କରାଇବ । ସୁତରାଂ ଏହି ବିନୀତର ଆଗମନ ଉଚିତ୍ ସମୟରେ ହିଁ ହୋଇଛି, ମୁଁ ଚିନ୍ତା କରିପାରୁ ନାହିଁ ଯେ କେବଳ ଇର୍ଷାପରାୟଣ ବ୍ୟକ୍ତି ବ୍ୟତୀତ ଏହାର କେହି ଅସ୍ୱୀକାର କରିପାରିବ । **ଦ୍ୱିତୀୟ ସର୍ତ୍ତ** ଅର୍ଥାତ ଏହା ଦେଖିବା କି ଅବତାରଙ୍କ ନିର୍ଦ୍ଧାରିତ ସମୟ କାଳରେ ଆସିଛି ଅବା ନୁହେଁ । ଏହି ସର୍ତ୍ତ ମଧ୍ୟ ଏହି ବିନୀତର ଆଗମନ ଫଳରେ ପୂରଣ ହୋଇଗଲା । କାରଣ ଅବତାରଗଣ ଏହି ଭବିଷ୍ୟତ ବାଣୀ କରିଥିଲେ ଯେ, ଯେତେବେଳେ ଷଷ୍ଠ ଶତାବ୍ଦୀ ଶେଷ ହେବ ସେତେବେଳେ ପ୍ରତିଶୃତ ମସିହ ଆବିର୍ଭାବ ହେବେ । ବସ୍ତୁତଃ ଚନ୍ଦ୍ର ଗଣନା ଅନୁସାରେ ଷଷ୍ଠ ଶତାବ୍ଦୀ ଯାହାକି ଆଦମଙ୍କ କାଳରୁ ଆରମ୍ଭ ହୋଇଛି, ଏବେ ଶେଷ ହୋଇଯାଇଛି । ଆଉ ସୂର୍ଯ୍ୟ ଗଣନା ଅନୁସାରେ ଷଷ୍ଠ ଶତାବ୍ଦୀ ଶେଷ ହେବାକୁ ଯାଉଛି । ଏତଦ୍ ବ୍ୟତୀତ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଥିଲେ; **ପ୍ରତ୍ୟେକ ଶତାବ୍ଦୀରେ ଜଣେ ସୁଧାରକ ଆସିବେ ଯେ ଧର୍ମର ନବିକରଣ କରିବେ** ଏବଂ ଏହି ଶତାବ୍ଦୀର ୨୧ବର୍ଷ ଅତିବାହିତ ହୋଇଗଲାଣି । କ'ଣ ଏହା ସେହି ନବୀଶ୍ରେଷ୍ଠଙ୍କ ପବିତ୍ର ମୁଖରୁ ନିସୃତ ହୋଇଥିବା ଉକ୍ତି ପ୍ରତି ଇଙ୍ଗିତ କରୁ ନାହିଁ ଯେ, ବର୍ତ୍ତମାନ ଜଣେ ସୁଧାରକ ଆସି ଯାଇଛନ୍ତି ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଅନ୍ୟମାନେ ସ୍ୱୀକାର କରନ୍ତୁ ଅବା ନକରନ୍ତୁ, ଆମ ବିରୋଧୀ ହଜରତ ମସିହ ମଉଦ [ଅ.ସ]ଙ୍କ ସତ୍ୟତାକୁ ସ୍ୱୀକର କରନ୍ତୁ ଅବା ନକରନ୍ତୁ, କିନ୍ତୁ ଏହା ଚିତ୍କାର କରି ସାକ୍ଷ୍ୟ ଦେଉଛନ୍ତି ଯେ, ଇସଲାମ୍ କୌଣସି ମେହଦୀ ଓ ସୁଧାରକର ଆବଶ୍ୟକତା ଲୋଡୁଅଛି, ଯେ ଇସଲାମ୍‌ର ନୌକାକୁ ସମ୍ଭାଳିବ ।

କିନ୍ତୁ ଯେ ଆଗମନକାରୀ, ଯେ ଭବିଷ୍ୟତ ବାଣୀ ଅନ୍ତର୍ଗତ ଆସିଲେ, ଯେ ଯୁଗର ଆବଶ୍ୟକତା ଅନୁଯାୟୀ ଆସିଲେ, ତାହାକୁ (ସଂସାରବାସୀ) ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନାହାନ୍ତି । ହଜରତ ମସିହ ମଉଦ[ଅ.ସ] କେବଳ ଦାବି କରି ନାହାନ୍ତି ବରଂ ନିଜ ଘୋଷଣା ସହିତ ଅଗଣିତ ନିଦର୍ଶନ ମଧ୍ୟ ପ୍ରତିପାଦିତ କରିଛନ୍ତି । ଗୋଟିଏ ସ୍ଥାନରେ ଆପଣ[ଅ.ସ] କହିଲେ; ଆଜକୁ ତିରିଶ ବର୍ଷ ପୂର୍ବରୁ ଯୁଗାବତାରଙ୍କ ରଚିତ ପୁସ୍ତକ "ବରାହିନେ ଅହେମଦିୟା"ରେ ଏହି ଦୈବିବାଣୀ ଉଲ୍ଲେଖ ରହିଛି ଯେ, ଲୋକମାନେ ଏହି ଜମାଅତକୁ ସମୂଳେ ଧ୍ୱଂସ କରିବାକୁ ଚେଷ୍ଟା କରନ୍ତୁ ଏବଂ

ଏଥିପାଇଁ ସମସ୍ତ ପ୍ରକାରର ଯୋଜନାକୁ କାର୍ଯ୍ୟକାରୀ କରି ଦେଖିନିଅନ୍ତୁ କିନ୍ତୁ ମୁଁ ଏହାକୁ ଉନ୍ନତି ପଥରେ ଆଗକୁ ନେଇଯିବି ଏବଂ ଏହାକୁ ସମ୍ପୂର୍ଣ୍ଣ କରିବି । ଏପରିକି ତାହା ଏକ ବିଶାଳ ସେନା ପାଲଟିଯିବ ଏବଂ **ଅନ୍ତିମ ଦିବସ ପର୍ଯ୍ୟନ୍ତ ମୋର ଅନୁଗାମୀ ହିଁ ବିଜୟୀ ରହିବେ ।** ଆମ୍ଭେ ତୁମ ନାମକୁ ସଂସାରର କୋଣ ଅନୁକୋଣରେ ବିଖ୍ୟାତ କରିଦେବୁ ଏବଂ ଦୂରଦୂରାନ୍ତରରୁ ଲୋକେ ଦଳ ଦଳ ହୋଇ ଆସିବେ ତଥା ପ୍ରତ୍ୟେକ ଦିଗରୁ ତୁମ ନିକଟକୁ ଅର୍ଥ ସାହାଯ୍ୟ ଶୁଅ ଛୁଟିବ । ସୁତରାଂ ନିଜ ଅଟ୍ଟାଳିକାକୁ ପ୍ରଶସ୍ତ କର କାରଣ ଉକ୍ତ ପ୍ରସ୍ତୁତି ଆକାଶରେ ଜାରି ରହିଛି ।

ବର୍ତ୍ତମାନ ଦେଖନ୍ତୁ ! ଏହା କେଉଁ କାଳର ଭବିଷ୍ୟତ ବାଣୀ ଯାହାକି ଆଜି ପୂରଣ ହେଉଅଛି ଯେଉଁମାନେ ଦୃଷ୍ଟିଶକ୍ତି ରଖୁଛନ୍ତି ସେମାନେ ଅବଲୋକନ କରୁଛନ୍ତି । କିନ୍ତୁ ଯେ ଅନ୍ଧ ସେମାନଙ୍କ ମତରେ (ଏଯାବତ୍) କୌଣସି ନିଦର୍ଶନ ପ୍ରକଟ ହୋଇ ନାହିଁ । ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମଧ୍ୟ ଜମାଅତ ଅହେମଦିୟାର ଉନ୍ନତି ଏବଂ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକମାନଙ୍କର ଦୀକ୍ଷା ନେଇ ଏହି ସଂସ୍ଥା ସହିତ ଜଡ଼ିତ ହେବା । **ପୁଣି ସେମାନେ ବଳିଦାନ କ୍ଷେତ୍ରରେ ପରସ୍ପର ଠାରୁ ଆଗକୁ ବଢ଼ିଯିବା ଆପଣ [ଅ.ସ]ଙ୍କ ସତ୍ୟତାର ଜ୍ୱଳନ୍ତ ପ୍ରମାଣ ନୁହେଁ ତ ଆଉ କ'ଣ ।**

ଆଜି ସମଗ୍ର ବିଶ୍ୱରେ ଏପରି କୌଣସି ଦେଶ ନାହିଁ ଯେଉଁସ୍ଥଳେ ଆପଣ [ଅ.ସ]ଙ୍କ ବାର୍ତ୍ତା ପହଞ୍ଚି ନାହିଁ ଏବଂ ଉକ୍ତ ବାର୍ତ୍ତା ଦ୍ୱାରା ପବିତ୍ର ଆତ୍ମାମାନେ ଇସଲାମ୍ ପ୍ରତି ଧ୍ୟାନ କେନ୍ଦ୍ରିତ କରି ନାହାନ୍ତି । ବରଂ କେତେକ ସ୍ଥାନରେ ଏପରି ଘଟଣା ଘଟୁଅଛି ଯେଉଁସ୍ଥଳେ ପରମାତ୍ମା ସ୍ୱୟଂ ଲୋକମାନଙ୍କ ମାର୍ଗଦର୍ଶନ କରୁଛନ୍ତି । ବସ୍ତୁତଃ ସେମାନେ ଏପରି ଚମତ୍କାର ସ୍ୱଚକ୍ଷୁରେ ଦେଖିବା ପରେ ଜମାଅତରେ ସାମିଲ ହେଉଛନ୍ତି । ବିରୋଧୀମାନଙ୍କ ବିରୁଦ୍ଧାଚରଣ ସତ୍ତ୍ୱେ ଅଲ୍ଲାଃତାଲା ସଦସ୍ୟବୃନ୍ଦଙ୍କ ଆସ୍ଥା ଓ ବିଶ୍ୱାସକୁ ଦୃଢ଼ତା ପ୍ରଦାନ କରି ଚାଲିଛନ୍ତି । ଆଜି ମଧ୍ୟ ଆମେ ସେହି ଐଶୀ ଅନୁକମ୍ପାର ଦୃଶ୍ୟ ପରିଲକ୍ଷିତ କରୁଅଛେ । ଏହା ମଧ୍ୟ ଜଣେ ଅହେମଦିର ବିଶ୍ୱାସକୁ ଦୃଢ଼ୀଭୂତ କରିବାର ମାଧ୍ୟମ ସାଜିଥାଏ । ସେଥିଅନ୍ତେ ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] ପବିତ୍ର ଆତ୍ମାମାନଙ୍କ ଜମାଅତ ଅହେମଦିୟାରେ ସମ୍ମିଳିତ ହେବାର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀର ଆଲୋଚନା କଲେ ।

ହଜୁର ଅନଓ୍ୱର[ଅ.ବ] କହିଲେ; ଦେଖ ଅଲ୍ଲାଃତାଲା କିପରି ଲୋକମାନଙ୍କ ହୃଦୟ ଇସଲାମ୍ ଓ ହଜରତ ମସିହ ମଉଦ [ଅ.ସ]ଙ୍କ ଆଡ଼କୁ ଆକର୍ଷିତ କରୁଛନ୍ତି । ସମୟ ଥିଲା ଯେତେବେଳେ ଖ୍ରୀଷ୍ଟଧର୍ମ ନିଜ ଧ୍ୱଜା ସମଗ୍ର ବିଶ୍ୱରେ ଲହରେଇବାର ଦାବି (ବଡ଼ପଣି) କରୁଥିଲା । ଆଉ ଏବେ ସେହି ଖ୍ରୀଷ୍ଟଧର୍ମାବଲମ୍ବୀ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଧ୍ୱଜା ତଳେ ଶରଣ ନେଉଛନ୍ତି । ଏସବୁ ଦେଖିବା ସତ୍ତ୍ୱେ ଯଦି ସେମାନଙ୍କ ନାମକୁ ମାତ୍ର ଧାର୍ମିକ ଠିକାଦାରମାନେ ଯଦି ଚକ୍ଷୁ ନଖୋଲନ୍ତି ତେବେ ସେମାନଙ୍କ ମାମଲା ପରମେଶ୍ୱର ସ୍ୱୟଂ ଦେଖିନେବେ । ଅଲ୍ଲାଃତାଲା ହଜରତ ମସିହ ମଉଦ [ଅ.ସ]ଙ୍କ ମାଧ୍ୟମରେ ଇସଲାମ୍‌ର ବାର୍ତ୍ତା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବା ନିମନ୍ତେ ଜମାଅତ ଅହେମଦିୟାକୁ ସଂକ୍ରିୟ ରଖିଛନ୍ତି । **ଏହି ଜମାଅତ ତ ଇନ୍‌ଶାଅଲ୍ଲାଃ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହେବ ଏବଂ କେହି ନାହିଁ ଯେ ଏହି ଐଶୀ କାର୍ଯ୍ୟରେ ବାଧକ ସାଜିବ** କିନ୍ତୁ ପ୍ରତ୍ୟେକ ଅହେମଦିକୁ ଏକଥା ହୃଦୟଙ୍ଗମ କରିବା ଉଚିତ୍ ଯେ, କେବଳ ହଜରତ ମସିହ ମଉଦ [ଅ.ସ]ଙ୍କର ଦାବିଗୁଡ଼ିକୁ ସ୍ୱୀକାର କରିନେବା ଯଥେଷ୍ଟ ନୁହେଁ । ବରଂ ଆମମାନଙ୍କୁ ନିଜ ଅଭ୍ୟନ୍ତରରେ ପବିତ୍ର ପରିବର୍ତ୍ତନ ଆଣିବାକୁ ହେବ ଯାହାକି ଅଲ୍ଲାଃତାଲାଙ୍କ ପ୍ରଦତ୍ତ ଶିକ୍ଷାର ବାସ୍ତବିକ ପ୍ରତୀକ ସାବ୍ୟସ୍ତ ହେବ । ଯାହାକି ହଜୁର [ସ.ଅ]ଙ୍କ ସୁନ୍ନତର ଅନୁକରଣ କରିବାର ବ୍ୟବହାରିକ ଦୃଷ୍ଟାନ୍ତ ଅର୍ଥାତ ପ୍ରତିଛବି । ଯେତେବେଳେ ଏହା ହୋଇଯିବ ସେତେବେଳେ ଯାଇ ଆମେ ପରମେଶ୍ୱରଙ୍କ କୃପାର ଉତ୍ତରାଧିକାରୀ ହେବା । ଅଲ୍ଲାଃତାଲା ଏଥିନିମନ୍ତେ ଆମମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ତତ୍ ପଶ୍ଚାତ ହଜୁର ଅନଓ୍ୱର[ଅ.ବ] ନିରୀହ ଓ ଅତ୍ୟାଚାରିତ ଫିଲିସ୍ତିନବାସୀଙ୍କ ନିମନ୍ତେ ଦୁଆ ଅବ୍ୟାହତ ରଖିବାକୁ କହିଲେ । ଅଲ୍ଲାଃତାଲା ସେମାନଙ୍କୁ ଅତ୍ୟାଚାରୀଙ୍କ କବଳରୁ ମୁକ୍ତି ପ୍ରଦାନ କରନ୍ତୁ । କହୁଛନ୍ତି କି ଏବେ

କିଛିଦିନ ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ରହିବ ଯଦ୍ୱାରା ଲୋକମାନଙ୍କ ନିକଟରେ ଆବଶ୍ୟକିୟ ସାମଗ୍ରୀ ପହଞ୍ଚି ପାରିବ । କିନ୍ତୁ ସେଥିଅନ୍ତେ ଜଣା ନାହିଁ କ'ଣ ହେବ, ସାହାଯ୍ୟ ପହଞ୍ଚାଇବା ପରେ ସେମାନଙ୍କୁ ମାରିବେ । ଇସ୍ରାଇଲ୍‌ର ଉଦ୍ଦେଶ୍ୟ ତ ଅତିଭୟଙ୍କର ପ୍ରତୀତ ହେଉଛି । କାରଣ ତାଙ୍କ ପ୍ରଶାସକ ଦଳ ମଧ୍ୟରୁ ଜଣେ ପ୍ରମୁଖ ମନ୍ତ୍ରୀ କାଲି/ପରଦିନ ହିଁ ଘୋଷଣା କରିଛନ୍ତି କି ଯଦି ଏହି ଯୁଦ୍ଧ ବିରତି ପରେ ପୁନର୍ବାର ଯୁଦ୍ଧ ନକରାଗଲା ତେବେ ମୁଁ ନିଜ (ପଦରୁ) ଇସ୍ତଫା ଦେବି । ଏପରି (ଘୃଣିତ) ଚିନ୍ତାଧାରା ସେମାନଙ୍କ ଅନ୍ତରରେ ବିଦ୍ୟମାନ ।

ଶକ୍ତିଶାଳୀ ରାଷ୍ଟ୍ରମାନେ ବଡ଼ ବଡ଼ କଥା ତ କହୁଛନ୍ତି, ସହାନୁଭୂତି ପ୍ରଦର୍ଶନ କରୁଛନ୍ତି । କିନ୍ତୁ ନ୍ୟାୟ କରିବା ପ୍ରତି ଆଗ୍ରହିତ ନାହାନ୍ତି ଅର୍ଥାତ ଏହି ପ୍ରସଙ୍ଗଙ୍କୁ ବିଶେଷ ଗୁରୁତ୍ୱ ଦେଉ ନାହାନ୍ତି । ସେମାନଙ୍କର ଧାରଣା ନାହିଁ ଯେ, ଏହି ଯୁଦ୍ଧ କେତେ ଦୂର ପରିବ୍ୟାପ୍ତ ହୋଇପାରିବ । ସେମାନଙ୍କ ପରିକଳ୍ପନାରେ ଏହି ଯୁଦ୍ଧ କେବଳ (ହମାସ୍ ଓ ଇସ୍ରାଇଲ୍ ସୀମା) ମଧ୍ୟରେ ସୀମିତ ରହିବ । କିନ୍ତୁ ଜ୍ଞାନୀଗୁଣିମାନେ କହିବା ଆରମ୍ଭ କଲେଣି ଯେ, ଏହି ଯୁଦ୍ଧ କେବଳ ସମ୍ପୃକ୍ତ ଅଞ୍ଚଳ ମଧ୍ୟରେ ସୀମିତ ରହିବ ନାହିଁ । ବରଂ ଅହୁରି ଅନେକ ଦେଶଙ୍କୁ ଟାଣି ନେବ, ଏପରିକି ସେହି ବିକଶିତ ରାଷ୍ଟ୍ରମାନଙ୍କୁ ମଧ୍ୟ ନିଜ ବଶିଭୂତ କରିନେବ ।

ମୁସଲମାନ ରାଷ୍ଟ୍ରମାନେ କିଛି କହିବା ଆରମ୍ଭ କଲେଣି, ଯେପରିକି ସାଉଦି ଆରବର ରାଜା ମଧ୍ୟ ମତ ପ୍ରକାଶ କରିଛନ୍ତି କି ମୁସଲମାନମାନଙ୍କର ଗୋଟିଏ ସ୍ୱର ହେବା ଉଚିତ୍ । ତେବେ ଗୋଟିଏ ସ୍ୱର ହେବା ପାଇଁ ଦୃଢ଼ତାର ସହିତ ଉଦ୍ୟମ କରିବାକୁ ପଡ଼ିବ । ଅଲ୍ଲାଃତାଲା ଯଦି ସେମାନଙ୍କ ଅନ୍ତରରେ ଏହି ଭାବନା ଉଦ୍ରେକ କରିଛନ୍ତି ତେବେ ସେହି ଉତ୍ସାହକୁ କାର୍ଯ୍ୟକାରୀ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ସେ ଜାହା ହେଉ ଦୁଆ ପ୍ରତି ବିଶେଷ ଧ୍ୟାନ କେନ୍ଦ୍ରିତ କରନ୍ତୁ ।

ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ପାଞ୍ଚ ଜଣ ମୃତକଙ୍କ ଜୀବନୀର ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ସେମାନଙ୍କ ମଧ୍ୟରେ ଶ୍ରୀମାନ ଅବଦ୍ଦୁସ୍ ସଲାମ୍ ଆରିଫ୍ ସାହେବ ମୁରବୀ ସିଲସିଲା । ଶ୍ରୀମାନ ମୁହମ୍ମଦ କାସିମ୍ ଖାନ୍ ସାହେବ କାନେଡ଼ା ନିବାସୀ ତଥା ପୂର୍ବତନ ଅତିରିକ୍ତ ନାଜିର ବୈତୁଲ୍ ମାଲ୍ ଖର୍ଚ୍ଚ (ଅର୍ଥ ନିୟୋଗ ପାଣ୍ଠି) । ଶ୍ରୀମାନ ଅବଦ୍ଦୁଲ୍ କରିମ୍ କୁଦ୍‌ସୀ ସାହେବ । ସେ ଜମାଅତର ଜଣେ ସୁପ୍ରସିଦ୍ଧ କବି ଥିଲେ । ମିଆଁ ରଫିକ୍ ଅହେମଦ ଗୋନ୍ଦଲ୍ ସାହେବ ଓ ଶ୍ରୀମତୀ ନସିମାଃ ଲଈକ୍ ସାହେବାଃ ଆମେରିକା ନିବାସୀ ପତ୍ନୀ ସୟଦ୍ ଲଈକ୍ ଅହେମଦ ସାହେବ ଶହିଦ୍ ମଡ଼େଲ୍ ଟାଉନ୍, ଲାହୋର ଆଦି ସାମିଲ ଅଛନ୍ତି । ପ୍ରିୟ ହଜୁର ଅନଓ୍ୱର[ଅ.ବ] ସମସ୍ତ ମୃତକମାନଙ୍କ କ୍ଷମା ଯାଚନା ଓ ବୈକୁଣ୍ଠରେ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ ପ୍ରାର୍ଥନା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଓହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
24th November 2023